# NATIONAL NEWS BULLETIN (ODIA)
**20 July - 2024**
**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଶ୍ୱ ଐତିହ୍ୟ କମିଟିର ୪୬ତମ ଅଧିବେଶନକୁ ଆସନ୍ତାକାଲି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପ୍ରକାଶ ପାଇଲା ନିଟ୍-ୟୁଜି ୨୦୨୪ର କେନ୍ଦ୍ର ଭିତ୍ତିକ ପରୀକ୍ଷା ଫଳ ।
- ହିଂସାତ୍ମକ ପରିସ୍ଥିତିକୁ ଦୃଷ୍ଟିରେ ରଖି ୩୦୦ରୁ ଅଧିକ ଭାରତୀୟ ଛାତ୍ରଛାତ୍ରୀଙ୍କୁ ଘରକୁ ଫେରିଯିବାକୁ ବାଧ୍ୟ କଲା ବାଂଲାଦେଶ ।
- ପରଲୋକରେ ପଦ୍ମଶ୍ରୀ କମଳା ପୂଜାରୀ ।

ଏବଂ

- ମହିଳା ଏସିଆକପ୍ ଟି-୨୦ କ୍ରିକେଟ୍‌ରେ ଆଜି ଥାଇଲ୍ୟାଣ୍ଡ ଓ ମାଲେସିଆ ମଧ୍ୟରେ ହେବ ମୁକାବିଲା ।

---

## ୱାର୍ଲ୍ଡ ହେରିଟେଜ୍ କମିଟି

ବିଶ୍ୱ ଐତିହ୍ୟ କମିଟିର ୪୬ତମ ଅଧିବେଶନ ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆସନ୍ତାକାଲି ଅନୁଷ୍ଠିତ ହେବ । ଏହି ଅଧିବେଶନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବେ । ଚଳିତମାସ ୩୧

ତାରିଖରେ ଏହି ଅଧିବେଶନ ଶେଷ ହେବ । ଭାରତ ପ୍ରଥମଥର ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛି ।

ଏହି ସମାରୋହରେ ୟୁନେସ୍କୋର ମହାନିର୍ଦ୍ଦେଶକ ମାଡାମ୍ ଔଡ୍ରେ ଅଜୌଲେ ଏବଂ ୟୁନେସ୍କୋ ବିଶ୍ୱ ଐତିହ୍ୟ ସଚିବାଳୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ସଂସ୍କୃତିମନ୍ତ୍ରୀ, ରାଷ୍ଟ୍ରଦୂତ ଏବଂ ବିଭିନ୍ନ ଦେଶର ବିଶେଷଜ୍ଞମାନେ ଯୋଗଦେବେ । ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ କହିଥିଲେ ଯେ ମୋଦୀ ସରକାରଙ୍କର ତୃତୀୟ ପାଳିରେ ଏହା ହେଉଛି ଭାରତର ପ୍ରଥମ ବୃହତ କାର୍ଯ୍ୟକ୍ରମ । ଏହି ବୈଠକରେ ଭାରତର ବିବିଧ ଏବଂ ଅନନ୍ୟ ସାଂସ୍କୃତିକ ତଥା ପ୍ରାକୃତିକ ଐତିହ୍ୟକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏଭଳି ଅନ୍ତର୍ଜାତୀୟ ବୈଠକ ବିଶ୍ୱରେ ଭାରତର ସଫ୍ଟ ଆୱାରକୁ ଆହୁରି ଦୃଢ଼ୀଭୂତ କରିବା ସହିତ ବିଶ୍ୱସ୍ତରୀୟ ଦର୍ଶକ ଏବଂ ପ୍ରସାର ପାଇଁ ମଧ୍ୟ ଏକ ସୁଯୋଗ ପ୍ରଦାନ କରିବ । ଭାରତ ୨୦୨୧ରେ ୨୩ତମ ସାଧାରଣ ସଭାରେ ୨୧ ଜଣ ସଦସ୍ୟ ବିଶିଷ୍ଟ ବିଶ୍ୱ ଐତିହ୍ୟ କମିଟି - WHC କୁ ଚାରିବର୍ଷ ପାଇଁ ନିର୍ବାଚିତ ହୋଇଥିଲା । ବିଶ୍ୱ ଐତିହ୍ୟ କମିଟିରେ ଏହା ଭାରତର ଚତୁର୍ଥ କାର୍ଯ୍ୟକାଳ ।

ଭାରତ ବିଶ୍ୱ ଐତିହ୍ୟ ତାଲିକାରେ ୪୨ଟି ସମ୍ପତ୍ତିକୁ ଅନ୍ତର୍ଭୁକ୍ତ କରିଛି । ଯେଉଁଥିରେ ୩୪ଟି ସାଂସ୍କୃତିକ, ୭ଟି ପ୍ରାକୃତିକ ଏବଂ ଗୋଟିଏ ମିଶ୍ରିତ ଐତିହ୍ୟସ୍ଥଳୀ ରହିଛି । ଗତ ୧୦ବର୍ଷ ମଧ୍ୟରେ ପଶ୍ଚିମବଙ୍ଗର

ଶାନ୍ତିନିକେତନ ଶିଳାଲେଖ ଏବଂ କର୍ଣ୍ଣାଟକର ହୋୟସାଲସ ପବିତ୍ର ମେଳକ ସମେତ ୧୨ଟି ସ୍ଥାନକୁ ଯୋଡ଼ା ଯାଇଛି ।

ଏହା ବ୍ୟତୀତ ବିଶ୍ୱ ଐତିହ୍ୟର ଅସ୍ଥାୟୀ ତାଲିକାରେ ଭାରତର ୫୭ଟି ସ୍ଥାନ ରହିଛି ।

## ଅଲ୍‌ପାର୍ଟି ମିଟିଂ

ସଂସଦର ବଜେଟ୍ ଅଧିବେଶନ ପୂର୍ବରୁ ସରକାର ଆସନ୍ତାକାଲି ସର୍ବଦଳୀୟ ବୈଠକ ଡାକିଛନ୍ତି । ଏହି ବୈଠକରେ ସରକାର ସଂସଦର ଉଭୟ ଗୃହର ସୁପରିଚାଳନା ନିମନ୍ତେ କାର୍ଯ୍ୟ କରିବା ପାଇଁ ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡ଼ିବେ । ବଜେଟ ଅଧିବେଶନ ଆସନ୍ତା ସୋମବାର ଠାରୁ ଆରମ୍ଭ ହୋଇ ଆସନ୍ତାମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଜୁଲାଇ ୨୩ ତାରିଖରେ କେନ୍ଦ୍ର ବଜେଟ ଉପସ୍ଥାପନା କରାଯିବ । ତୃତୀୟଥର ପାଇଁ ନରେନ୍ଦ୍ର ମୋଦୀ ସରକାରଙ୍କର ଏହା ହେବ ପ୍ରଥମ ବଜେଟ । ଗତମାସରେ ସଂସଦର ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ ଯେ ଏହି ବଜେଟ ସରକାରଙ୍କର ସୁଦୂରପ୍ରସାରୀ ନୀତି ଏବଂ ଭବିଷ୍ୟତ ଦୃଷ୍ଟିକୋଣର ଏକ ପ୍ରଭାବଶାଳୀ ଦସ୍ତାବିଜ ହେବ ।

## ଶାହା ଭିଜିଟ୍

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଅମିତ ଶାହା ଆଜି ଝାଡ଼ଖଣ୍ଡର ରାଞ୍ଚି ଗସ୍ତରେ ଯିବେ । ଶ୍ରୀ ଶାହା ସେଠାରେ ରାଜ୍ୟ ବିଜେପିର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକକୁ ସମ୍ବୋଧିତ କରିବେ । ସେ ଦଳର ରାଜ୍ୟ କୋର ଗ୍ରୁପ୍ ବୈଠକରେ ମଧ୍ୟ ଯୋଗଦେବା ସହିତ

ବିଜେପି କର୍ମୀମାନଙ୍କ ସହ ଆଲୋଚନା କରିବେ । ଝାଡ଼ଖଣ୍ଡର ବିଜେପି ମୁଖ୍ୟ ବାବୁଲାଲ ମାରାଣ୍ଡି କହିଛନ୍ତି ଶ୍ରୀ ଶାହା ନିକଟରେ ସମାପ୍ତ ହୋଇଥିବା ଲୋକସଭା ନିର୍ବାଚନରେ ଦଳର ପ୍ରଦର୍ଶନ ନେଇ ସମୀକ୍ଷା କରିବେ । ଚଳିତବର୍ଷ ଶେଷରେ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାର ସମ୍ଭାବନା ରହିଛି ।

## ଏନ୍‌ଟିଏ-ନିଟ୍ ରେଜଲ୍ଟ

ମେଡ଼ିକାଲ ପ୍ରବେଶିକା ପରୀକ୍ଷା ନିଟ୍-ୟୁଜି ୨୦୨୪ର କେନ୍ଦ୍ର ଭିତ୍ତିକ ପରୀକ୍ଷା ଫଳ ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ତା'ର ୱେବ୍‌ସାଇଟ୍‌ରେ ଅପ୍‌ଲୋଡ଼ କରିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏନ୍‌ଟିଏ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସୁପ୍ରିମକୋର୍ଟ ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ଫଳ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଫରେନ୍ ସେକ୍ରେଟାରୀ-ଭୁଟାନ୍

ଭାରତର ବୈଦେଶିକ ସଚିବ ବିକ୍ରମ ମିଶ୍ରି ଏବଂ ତାଙ୍କର ଭୁଟାନ୍ ପ୍ରତିପକ୍ଷ ଓମ୍ ପେମା ଚୋଡେନ୍ ଆଜି ଭୁଟାନ ଠାରେ ତୃତୀୟ ଭାରତ-ଭୁଟାନ ଉନ୍ନୟନ ବୈଠକରେ ଯୋଗଦେବେ । ତ୍ରୟୋଦଶତମ ପଞ୍ଚବାର୍ଷିକ ଯୋଜନାରେ ଏହି ଦୁଇ ବୈଦେଶିକ ସଚିବ ବିଭିନ୍ନ ପ୍ରକଳ୍ପର ନୀତି ନିର୍ଦ୍ଧାରଣ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଆଲୋଚନା କରିବେ । ଶ୍ରୀ ମିଶ୍ରି ଭୁଟାନକୁ ଦୁଇଦିନିଆ ଗସ୍ତରେ ଯାଇଛନ୍ତି । ବୈଦେଶିକ ସଚିବ ବିକ୍ରମ ମିଶ୍ରି ଗତକାଲି ଭୁଟାନର ପ୍ରଧାନମନ୍ତ୍ରୀ ସେରିଂ ଟବ୍‌ଗେଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ । ଭାରତ ଓ ଭୁଟାନ ମଧ୍ୟରେ ଥିବା

ନିବିଡ଼ ବନ୍ଧୁତ୍ୱକୁ ଆହୁରି ଦୃଢ଼ୀଭୂତ କରାଯିବା ଉପରେ ଶ୍ରୀ ମିଶ୍ରି ଗୁରୁତ୍ୱଆରୋପ କରିଛନ୍ତି ।

---

# ପଦ୍ମଶ୍ରୀ କମଳା ପୂଜାରୀ

ବିଶିଷ୍ଟ ଚାଷୀ ପଦ୍ମଶ୍ରୀ କମଳା ପୂଜାରୀଙ୍କର ହୃଦ୍‌ଘାତରେ ଆଜି ସକାଳେ କଟକ ଠାରେ ଦେହାନ୍ତ ହୋଇଯାଇଛି । ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ବିଭିନ୍ନ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ କଟକର ଏସ୍‌ସିବି ମେଡ଼ିକାଲ କଲେଜ ଏବଂ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଓଡ଼ିଶାର କୋରାପୁଟ ଜିଲ୍ଲାର ପାତ୍ରପୁଟ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା କମଳା ପୂଜାରୀ କୃଷିକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୯ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ ।

ଜୈବିକ କୃଷି ଏବଂ ସ୍ୱଦେଶୀ କିସମର ଧାନ ସଂରକ୍ଷଣରେ ତାଙ୍କର ଅବଦାନ ପାଇଁ ସେ ବିଶ୍ୱବ୍ୟାପୀ ପ୍ରଶଂସିତ ହୋଇଥିଲେ । ଏକଶହରୁ ଅଧିକ କିସମର ଧାନ ସଂରକ୍ଷଣ କରିବା ବ୍ୟତୀତ ସେ ବିଭିନ୍ନ ପ୍ରକାରର ହଳଦୀ ଏବଂ ଜିରା ମଧ୍ୟ ସଂରକ୍ଷଣ କରିଥିଲେ । ସେ ବହୁ ଗ୍ରାମକୁ ଖାଲି ପାଦରେ ଯାତ୍ରା କରି କୃଷକମାନଙ୍କ ସହ ବିଶେଷକରି ମହିଳାମାନଙ୍କୁ ଜୈବିକ ଚାଷ ଏବଂ ସାରର ବ୍ୟବହାର ଉପରେ ଶିକ୍ଷା ଦେଉଥିଲେ।

---

# ହାଇତି

ହାଇତିର ଉତ୍ତର ଭାଗରେ ଏକ ବୋଟ୍‌ରେ ନିଆଁ ଲାଗିଯିବାରୁ ୪୦ଜଣ ପ୍ରବାସୀଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାରେ ଅନେକ ଆହତ

ହୋଇଛନ୍ତି । ୮୦ରୁ ଅଧିକ ଲୋକଙ୍କୁ ନେଇ ଯାଉଥିବା ଏହି ବୋଟ୍‌ଟି ହାଇତିର ଉତ୍ତର ଉପକୂଳରୁ ବାହାରି ୧୫୦ ମାଇଲ୍ ଦୂର ତୁର୍କ୍ସ ଏବଂ କାଇକସ୍ ଦ୍ୱୀପପୁଞ୍ଜକୁ ଗସ୍ତ କରୁଥିଲା । ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ଉପମୁଖପାତ୍ର ଫରାହାନ୍ ହକ୍ କହିଛନ୍ତି ହାଇତି ସାମୁଦ୍ରିକ ସୁରକ୍ଷା ବାହିନୀର ୪୧ ଜଣ ପ୍ରବାସୀଙ୍କୁ ଉଦ୍ଧାର କରାଯାଇଛି । ବିଭିନ୍ନ ଆନ୍ତର୍ଜାତିକ ଅନୁଷ୍ଠାନ ଏବଂ ହାଇତିର ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ସେମାନଙ୍କୁ ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଏବଂ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ଆନ୍ତର୍ଜାତିକ ଦେଶାନ୍ତର ସଂଗଠନ -ଆଇଓଏମ୍ ଦେଇଥିବା ସୂଚନା ଅନୁଯାୟୀ ଚଳିତବର୍ଷ ପଡ଼ୋଶୀ ଦେଶଗୁଡ଼ିକ ସେଠାରେ ଅନୁପ୍ରବେଶ କରିଥିବା ୮୬ ହଜାରରୁ ଅଧିକ ଅନୁପ୍ରବେଶ କରିଥିବା ହାଇତି ନାଗରିକଙ୍କୁ ବାଧ୍ୟତାମୂଳକ ଭାବେ ହାଇତିକୁ ଫେରାଇ ଦେଇଛନ୍ତି ।

---

## ସମ୍ମିଳନୀ

ଶିଳ୍ପ ଏବଂ ବ୍ୟବସାୟିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ମଧ୍ୟପ୍ରଦେଶର ଜବଲପୁର ଠାରେ ଆଜି ଏକ ଆଞ୍ଚଳିକ ଶିଳ୍ପ ସମ୍ମିଳନୀର ଆୟୋଜନ କରାଯାଇଛି । ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଏହାକୁ ଉଦ୍‌ଘାଟନ କରିଛନ୍ତି । ଏହି ସମ୍ମିଳନୀରେ ତାଇୱାନ୍, ମାଲେସିଆ, ବ୍ରିଟେନ୍, ଫିଜି, ଜାପାନ ଏବଂ ଇଣ୍ଡୋନେସିଆର ପ୍ରତିନିଧିମାନେ ଅଂଶ ଗ୍ରହଣ କରୁଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ଯାଦବ ଶିଳ୍ପପତିଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସମ୍ମିଳନୀ ଅବସରରେ ୫ଟି ଆଞ୍ଚଳିକ ଅଧିବେଶନର ଆୟୋଜନ କରାଯାଉଛି ।

---

# ହରିଆଣା-ଇଡି

ହରିଆଣାର ଯମୁନାନଗର ଅଞ୍ଚଳରେ ବେଆଇନ ଖଣି କାରବାର ମାମଲାରେ ଜଡ଼ିତ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସୋନିପତ୍ ବିଧାୟକ ତଥା କଂଗ୍ରେସ ନେତା ସୁରେନ୍ଦର ପନଓ୍ୱାରଙ୍କୁ ଗିରଫ କରିଛି । ୪୦୦ରୁ ୫୦୦ କୋଟି ଟଙ୍କାର ଆର୍ଥିକ ଅନିୟମିତତା ଅଭିଯୋଗରେ ତାଙ୍କୁ ଅମ୍ବରର ଏକ ଅଦାଲତରେ ହାଜର କରାଯାଇଥିଲା । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କୁ ହେପାଜତକୁ ନେବା ପାଇଁ କୋର୍ଟରେ ଆବେଦନ କରିଛି । ଏହା ଉପରେ କୋର୍ଟରେ ଶୁଣାଣି ଚାଲିଛି ।

ସୂଚନାଯୋଗ୍ୟ ପୂର୍ବରୁ ଜାନୁୟାରୀ ୪ ତାରିଖରେ ବିଧାୟକ ପନଓ୍ୱାରଙ୍କ ବାସଗୃହ ଏବଂ କାର୍ଯ୍ୟାଳୟରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ବହୁ ଆପତ୍ତିଜନକ ଦସ୍ତବିଜ ଜବତ କରାଯାଇଥିଲା । ଏହି ମାମଲାରେ ଯମୁନାନଗର, ସୋନିପତ ଏବଂ କର୍ଣ୍ଣାଲ୍‌ର ବିଭିନ୍ନ ଅଞ୍ଚଳରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା ।

---

# ବାଂଲାଦେଶ

ବାଂଲାଦେଶ ସରକାର ଦେଶରେ ହିଂସାତ୍ମକ ପରିସ୍ଥିତିକୁ ଦୃଷ୍ଟିରେ ରଖି ୩୦୦ରୁ ଅଧିକ ଭାରତୀୟ ଛାତ୍ରଛାତ୍ରୀଙ୍କୁ ସ୍ୱଦେଶ ଫେରିଯିବାକୁ ବାଧ୍ୟ କରିଛନ୍ତି । ସରକାରୀ ଚାକିରିରେ ସ୍ଥାନ ସଂରକ୍ଷଣକୁ ନେଇ ସେଠାରେ ସଂଗଠିତ ହିଂସାକାଣ୍ଡରେ ଏପର୍ଯ୍ୟନ୍ତ ଅତିକମ୍‌ରେ ୧୦୪ ଜଣଙ୍କର ମୃତ୍ୟୁ ହେବା ସହ ଅଢ଼େଇ ଅଜାରରୁ ଅଧିକ ଆହତ ହୋଇଚନ୍ତି । ବାଂଲାଦେଶରୁ ଗତକାଲି ସୀମାର ପାର ହୋଇ ଭାରତକୁ ଫେରିଥିବା ଛାତ୍ରଛାତ୍ରୀମାନେ

ସଡ଼କ ପଥରେ ଉତ୍ତରପ୍ରଦେଶ, ହରିଆଣା, ମେଘାଳୟ ଏବଂ ଜାମ୍ମୁକାଶ୍ମୀରର ନିଜ ନିଜ ଘରକୁ ଫେରିଛନ୍ତି । ସେଠାରେ ସରକାରୀ ଚାକିରିରେ ସ୍ଥାନ ସଂରକ୍ଷଣକୁ ନେଇ ବିକ୍ଷୋଭକାରୀ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଚରମ ସୀମାରେ ପହଞ୍ଚିଛି। ପରିସ୍ଥିତି ଅଣାୟତ ହେବାରୁ ସେଠାରେ କର୍ଫ୍ୟୁ ଲାଗୁ କରାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଶେଖ ହସିନା ତାଙ୍କର ସ୍ପେନ୍ ଏବଂ ବ୍ରାଜିଲ ଗସ୍ତକୁ ସ୍ଥଗିତ ରଖିଛନ୍ତି ।

---

# ଓମେନ୍ କ୍ରିକେଟ୍

ଶ୍ରୀଲଙ୍କାର ରଙ୍ଗିରିଦାମ୍ବୋଲା ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ମହିଳା ଏସିଆକପ୍ ଟି-୨୦ କ୍ରିକେଟ୍‌ରେ ଥାଇଲ୍ୟାଣ୍ଡ ଓ ମାଲେସିଆ ମଧ୍ୟରେ ଖେଳ ଅନୁଷ୍ଠିତ ହେବ । ଅପରାହ୍ନ ୨ଟା ସମୟରେ ଖେଳ ଆରମ୍ଭ ହେବ । ସେହିପରି ଆଜି ସନ୍ଧ୍ୟାରେ ଅନ୍ୟ ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ଏବଂ ବାଂଲାଦେଶ ମଧ୍ୟରେ ଦାମ୍ବୁଲା ଠାରେ ଖେଳ ଅନୁଷ୍ଠିତ ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଖେଳାଯିବ ।

ଗତ ସନ୍ଧ୍ୟାରେ ଦାମ୍ବୁଲାରେ ଭାରତ ତା'ର ପ୍ରଥମ ଖେଳରେ ପାକିସ୍ତାନକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରିଥିଲା ।

---